

# ସତ୍ୟବାକ୍ୟ

# THE WORD OF TRUTH

JANUARY & FEBRUARY - 2010

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

# CHURCH OF CHRIST

P.O.Box.No.80, Kakinada
A.P.- 533 001.
Ph: 0884 - 2363722.

**Vol. 15. Jan & Feb- 2010. No-1.**

Published every two months in Oriya language for the Restoration of pure New Testment Christanity.

Hear **SATYA VANI** Oriya Radio Programme on
Radio Srilanka
Every Sunday at 6:45 a.m.

Write for free Bible Correspondence Course in
Telugu & Oriya to:

The Director
Bible Correspondence Course
P.O.Box.80, Kakinada - 533 001

# ସତ୍ୟବାଣୀ

# VOICE OF TRUTH

**VOL - XV　　KAKINADA　　JAN-FEB-2010**


## ଈଶ୍ୱରଙ୍କ ସୃଷ୍ଟି
## (God Creation)

ଈଶ୍ୱରଙ୍କର ସୃଷ୍ଟି (ଆଦି ୧,୨ ଅଧ୍ୟାୟ) "ଆଦ୍ୟରେ ପରମେଶ୍ୱର ଆକାଶ ମଣ୍ଡଳ ଓ ପୃଥିବୀ ସୃଷ୍ଟି କଲେ ।" ଏହି ବାକ୍ୟ ଦ୍ୱାରା ବାଇବଲ ଗ୍ରନ୍ଥ ଆରମ୍ଭ ହୁଏ । ପରମେଶ୍ୱରଙ୍କ ଅସ୍ତିତ୍ୱ ବିଷୟରେ କିମ୍ବା ତାହାଙ୍କ ଦ୍ୱାରା ଏହି ବିଶ୍ୱ ସୃଷ୍ଟିତ ବୋଲି ବାଇବଲ କୌଣସି ପୃଷ୍ଠା ପ୍ରମାଣ କରିବାକୁ ଚେଷ୍ଟା କରେ ନାହିଁ । ଏହା ସମସ୍ତଙ୍କ ଦ୍ୱାରା ଅଙ୍ଗୀକୃତ । ପରମେଶ୍ୱରଙ୍କ ସମସ୍ତ ସୃଷ୍ଟିରେ ମନୁଷ୍ୟ ବୃଦ୍ଧିମାନ ଜୀବ । ତେଣୁକରି, ଏହି ଆଶ୍ଚର୍ଯ୍ୟମୟ ସୃଷ୍ଟି ଯେ ଗୋଟିଏ ଆଦିଶକ୍ତି ଦ୍ୱାରା ସୃଷ୍ଟିତ ଏହା ବୁଝିବା ତା' ନିମନ୍ତେ କଷ୍ଟକର ନୁହେଁ । ସେହି ଆଦିଶକ୍ତି ପରମେଶ୍ୱର ଅଟନ୍ତି ।

ସୃଷ୍ଟିର ସୁନ୍ଦର ବିବରଣ ଆମ୍ଭେମାନେ ଆଦିପୁସ୍ତକରେ ପଢିପାରୁ ଈଶ୍ୱରଙ୍କ ଅସ୍ତିତ୍ୱ ଜାଣିବା ନିମନ୍ତେ ପୃଥିବୀ ସୃଷ୍ଟିର କେତେ କାଳ ପରେ ମନୁଷ୍ୟ ତଥା ଅନ୍ୟ ଜୀବଜନ୍ତୁମାନଙ୍କ ସୃଷ୍ଟି ହୋଇଥିଲା ଜାଣିବା ଆବଶ୍ୟକ ନୁହେଁ । ଆଦି ପୁସ୍ତକର ପ୍ରଥମ ଦୁଇ ଅଧ୍ୟାୟ ପଢିବା ଦ୍ୱାରା ଏହି ସୁନ୍ଦର ବିଶ୍ୱ ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟି ବୋଲି ଗ୍ରହଣ କରି ପାରିବା । ବାଇବଲ ବ୍ୟତୀତ ଅନ୍ୟ କୌଣସି ଗ୍ରନ୍ଥ ସୃଷ୍ଟିର ବିବରଣ ଦିଏ ନାହିଁ । ପରମେଶ୍ୱର ତାହାଙ୍କ ସର୍ବ ସୃଷ୍ଟି ଉପରେ ମନୁଷ୍ୟଙ୍କୁ ଆଧିପତ୍ୟ ଦେଲେ । ସେ ଆକାଶର ପକ୍ଷୀ ତଥା ସମୁଦ୍ରର ମତ୍ସ୍ୟମାନଙ୍କୁ ମନୁଷ୍ୟର କ୍ଷମତା ଅଧୀନ କଲେ । ସୃଷ୍ଟିର ପ୍ରାରମ୍ଭରୁ ଏହିପରି ଚାଲି ଆସିଛି । ଆକାରରେ କୌଣସି ଜୀବ ମନୁଷ୍ୟଠାରୁ ବୃହତ୍ ହେଲେ ହେଁ ମନୁଷ୍ୟ ବୃଦ୍ଧି ଦ୍ୱାରା ତାହା ମନୁଷ୍ୟ ଅଧିକୃତ । ସମସ୍ତ ଜୀବ ଜଗତ ମନୁଷ୍ୟଙ୍କୁ ଭୟ କରେ ।

ଈଶ୍ୱରଙ୍କ ଅସ୍ତିତ୍ୱ ବିଶ୍ୱାସ କରିବା ନିମନ୍ତେ ଅନେକ କାରଣ ଅଛି । ସୃଷ୍ଟି ତାହାଙ୍କର ପ୍ରଥମ ନିଦର୍ଶନ, ଆମ୍ଭମାନଙ୍କୁ ଚାରିଆଡେ ଘେରି ରହିଥିବା ପ୍ରକୃତିକୁ ପରୀକ୍ଷା କଲେ

ଜାଣି ପାରିବା ଯେ, ଈଶ୍ୱର ସେଗୁଡ଼ିକୁ କିପରି ଏକ ନୀତ୍ୟ ସୂତ୍ରରେ ଢାଳି ଅଛନ୍ତି । ଆମ୍ଭେମାନେ ଈଶ୍ୱରଙ୍କୁ ଆମ୍ଭମାନଙ୍କ ପ୍ରାକୃତିକ ଚକ୍ଷୁରେ ଦେଖି ନ ପାରୁ, କିନ୍ତୁ ତାହାଙ୍କ ସୃଷ୍ଟ ସୃଷ୍ଟିକୁ ଦେଖିପାରୁ । ମୁଁ ଆପଣଙ୍କ ମସ୍ତିଷ୍କ ଦେଖି ପାରେ ନାହିଁ କିନ୍ତୁ ଆପଣଙ୍କ କାର୍ଯ୍ୟ ଦ୍ୱାରା ଆପଣ ମସ୍ତିଷ୍କ ବିଶିଷ୍ଟ ମନୁଷ୍ୟ ବୋଲି ମୁଁ ବିଶ୍ୱାସ କରେ । ଗୋଟିଏ ଘଡି (Watch)ର ନିର୍ମାତାକୁ ଆମେ ନ ଜାଣିଲେ ମଧ୍ୟ, ଘଡି ଯେ ଜଣେ ନିର୍ମାତା ଦ୍ୱାରା ନିର୍ମିତ ବୋଲି ବିଶ୍ୱାସ କରୁଅଛୁ । ପ୍ରତ୍ୟେକ ବିଷୟ ନିର୍ମାତା ଦ୍ୱାରା ନିର୍ମିତ । ନିର୍ମିତ ବସ୍ତୁଗୁଡ଼ିକ ଦେଖି, ନିର୍ମାତାଙ୍କ ଅସ୍ତିତ୍ୱ ଅସ୍ୱୀକାର କରି ନ ପାରୁ । ଏହି ସୁନ୍ଦର ସୃଷ୍ଟି ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟିତ । ସେ ସମସ୍ତ ସୃଷ୍ଟିର ଆଧାର ଓ ଜୀବନ ଅଟନ୍ତି ।

ବାଡି ବଗିଚାର ଫଳ ପୁଷ୍ପ, ଆକାଶ ତଳେ ଥିବା ସମସ୍ତ ଜୀବଜନ୍ତୁ ପ୍ରକୃତି ଈଶ୍ୱରଙ୍କ ଅସ୍ତିତ୍ୱର ସାକ୍ଷ୍ୟ ଦିଏ । "ଆକାଶ ମଣ୍ଡଳ ପରମେଶ୍ୱରଙ୍କ ଗୌରବ ବର୍ଣ୍ଣନା କରେ, ଶୂନ୍ୟ ମଣ୍ଡଳ ତାହାଙ୍କ ହସ୍ତକୃତ କର୍ମ ପ୍ରକାଶ କରେ" ବୋଲି ଦାଉଦ ଗୀତ ସଂହିତା ୧୯ : ୧ ରେ କହିଅଛନ୍ତି ।

ଈଶ୍ୱର ଅଛନ୍ତି ବୋଲି ବାଇବଲ ଶିକ୍ଷା ଦିଏ ଏବଂ ଈଶ୍ୱର ନିଶ୍ଚୟ ଅଛନ୍ତି । ବାଇବଲ କେବଳ ଈଶ୍ୱରଙ୍କ ବିଷୟ ବର୍ଣ୍ଣନାରେ ପରିପୂର୍ଣ୍ଣ । ଈଶ୍ୱର ଆତ୍ମା ଅଟନ୍ତି, ସେ ସର୍ବଜ୍ଞାନୀ, ସର୍ବ ଶକ୍ତିମାନ । ସେ ଅନାଦି କାଳରୁ ଅନନ୍ତ କାଳ ଯାଏ ପରମେଶ୍ୱର ଅଟନ୍ତି ।

ଈଶ୍ୱରଙ୍କ ଅସ୍ତିତ୍ୱ, ଯୁକ୍ତି ତର୍କର ସାହାର୍ଯ୍ୟରେ ସହଜରେ ପ୍ରମାଣିତ କରିପାରିବା । ଈଶ୍ୱରଙ୍କ ଅସ୍ତିତ୍ୱ ଅସ୍ୱୀକାର କରିବାଠାରୁ ସ୍ୱୀକାର କରିବା ଅତି ସହଜ । ଯଦି ଆମ୍ଭେମାନେ ଈଶ୍ୱରଙ୍କ ଅସ୍ତିତ୍ୱ ଅସ୍ୱୀକାର କରୁ, ତେବେ ଏହି ସୁନ୍ଦର ସୃଷ୍ଟିର କିପରି ସୃଷ୍ଟି ହେଲା ? ସୃଷ୍ଟିକର୍ତ୍ତା ବିନା ସୃଷ୍ଟି ଅସମ୍ଭବ । ଗୃହ ନିର୍ମାତା ବିନା ଗୃହ ନିର୍ମିତ ହେବା ଯେପରି ଅସମ୍ଭବ, ସୃଷ୍ଟିକର୍ତ୍ତାଙ୍କ ବିନା ଏହି ସୃଷ୍ଟି ସୃଷ୍ଟିତ ହେବା ସେପରି ଅସମ୍ଭବ ।

ବିବର୍ତ୍ତନ ମତବାଦ (Evolution theory) ଅନୁଯାୟୀ ଏହି ବିଶ୍ୱ ଗଠିତ ହୋଇଥିଲା ବୋଲି ଗ୍ରହଣ କରିବା ହାସ୍ୟାସ୍ପଦର ବିଷୟ । ସହସ୍ର ସହସ୍ର ବର୍ଷ ପୂର୍ବେ ଜୀବଜନ୍ତୁମାନଙ୍କ ରୂପରେଖ ଯେପରି ଥିଲା, ଏବେ ମଧ୍ୟ ଠିକ୍ ସେହିପରି ଅଛି । କେତେବର୍ଷ ତଳେ ମୁଁ ଗୋଟିଏ କାୟର ଚିତ୍ରମାଳା (Cairo Museum) ପ୍ରଦର୍ଶନ କରିଥିଲି । ସେଠାରେ ପାଞ୍ଚ ହଜାର ବର୍ଷ ତଳର ମାଙ୍କଡ କୁକୁର ପ୍ରକୃତି ଜନ୍ତୁମାନଙ୍କ ଶବଗୁଡ଼ିକ ଔଷଧ ଦ୍ୱାରା ସୁରକ୍ଷିତ କରାଯାଇଅଛି । ୫ ହଜାର ବର୍ଷ ତଳର ମାଙ୍କଡ, କୁକୁର ପ୍ରଭୃତି ଜୀବଜନ୍ତୁର ରୂପରେଖ ବର୍ତ୍ତମାନ ଜୀବଜନ୍ତୁ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ବିବର୍ତ୍ତନ ଯୁଗର ମାଙ୍କଡମାନେ କାହିଁକି ମନୁଷ୍ୟ ରୂପରେ ବଦଳୁ ନାହାନ୍ତି ?

ଆମ୍ଭେମାନେ ଏହି ଜାଗତିକ ମତବାଦ ଗ୍ରହଣ କରିବା ଉଚିତ୍ ନୁହେଁ । ଦାଉଦଙ୍କ ଅନୁଯାୟୀ "ମୂଢ଼ ମନେ ମନେ କହିଅଛି ପରମେଶ୍ୱର ନାହାନ୍ତି (ଗୀତ ସଂହିତା ୧୪:୧) । ଯାକୁବଙ୍କ ଅନୁଯାୟୀ ସେ ସୃଷ୍ଟିକର୍ତ୍ତା, ସମସ୍ତ ଉତ୍ତମ ଦାନର କର୍ତ୍ତା (ଯାକୁବ ୧ :୧୭) । "ଈଶ୍ୱର ଜଗତକୁ ଏତେ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନପ୍ରାପ୍ତ ହୁଏ (ଯୋହନ ୩ : ୧୬) । ଆମ୍ଭମାନଙ୍କର ପରମେଶ୍ୱର ଅନାଦି କାଳରୁ ଅନନ୍ତ କାଳ ଯାଏ ଜୀବିତ, ସର୍ବ ଶକ୍ତିବନ୍ତ ଓ ସର୍ବଜ୍ଞାନୀ ଅଟନ୍ତି ।

*- J.C. Choate*

❋❋❋

# ଲୋଟଙ୍କ ଶ୍ରୀମତୀ–୨

## (Mrs. Lot-2)

ଅବ୍ରାହମ ଓ ତାଙ୍କର ପୁତୁରା ଲୋଟଙ୍କର ଅନେକ ଧନସମ୍ପତ୍ତି, ମେଷ, ଗୋରୁ, ଦାସଦାସୀ ଥିବାରୁ, ସେମାନେ ଏକତ୍ର ବାସ କରିବା ଅସମ୍ଭବ ହେଲା । ଲୋଟ ଯର୍ଦ୍ଦନର ପୂର୍ବପ୍ରାନ୍ତ ମନୋନୀତ କରି, ସଦୋମ ପର୍ଯ୍ୟନ୍ତ ତମ୍ବୁ ସ୍ଥାପନ କଲେ । କିନ୍ତୁ ସଦୋମର ଲୋକମାନେ ମହାଦୁଷ୍ଟ ଓ ସଦାପ୍ରଭୁଙ୍କ ଛାମୁରେ ଅତି ପାପୀ ଥିଲେ । (ଆଦି ୩:୫-୧୩) । କାଳକ୍ରମେ ସଦୋମ ଓ ହମୋରାର ପାପ ଅତିଶୟ ଗୁରୁତର ହୋଇ, ତାହାର ମହାଧ୍ୱନି ପରମେଶ୍ୱରଙ୍କ ଛାମୁରେ ଉଠିଲା । ସଦାପ୍ରଭୁ ସେହି ନଗରଗୁଡ଼ିକରେ ଦଶଜଣ ଧାର୍ମିକ ବ୍ୟକ୍ତି ମଧ୍ୟ ନ ପାଇବାରୁ, ଗନ୍ଧକ ଓ ଅଗ୍ନି ଦ୍ୱାରା ବିନଷ୍ଟ କରିବାକୁ ମନସ୍ଥ କଲେ ।

ସଦୋମ ଓ ହମୋରାର ବିନାଶରୁ, ଲୋଟଙ୍କ ପରିବାରକୁ ରକ୍ଷା କରିବା ନିମନ୍ତେ ସଦାପ୍ରଭୁ ପରମେଶ୍ୱର ଦୁଇ ଦୂତଙ୍କୁ ଲୋଟଙ୍କ ନିକଟକୁ ପଠାଇଲେ, ସେହି ଦୁଇ ଦୂତମାନେ,"....ଲୋଟଙ୍କୁ ଚଞ୍ଚଳ କରାଇ କହିଲେ, ଉଠ, ଆପଣା ଭାର୍ଯ୍ୟା ଓ ଏହି ଯେଉଁ ଦୁଇ କନ୍ୟା ଏଠାରେ ଅଛନ୍ତି, ସେମାନଙ୍କୁ ଘେନିଯାଅ, ନୋହିଲେ, ନଗରର ଦଣ୍ଡରେ ବିନଷ୍ଟ ହେବ । ତଥାପି ସେ ବିଳମ୍ବ କଲା, ତହିଁରେ ତାହା ପ୍ରତି ସଦାପ୍ରଭୁଙ୍କ ଦୟା ହେତୁରୁ ସେମାନେ ତାହାର ଓ ତାହା ଭାର୍ଯ୍ୟାର ଓ ଦୁଇ କନ୍ୟାଙ୍କର ହସ୍ତ ଧରି

ସେମାନଙ୍କୁ ନଗରର ବାହାରେ ରଖିଲେ । ଏହିରୂପେ ସେମାନଙ୍କୁ ବାହାର କରି ଆଣିଲା ଉତ୍ତାରେ ସେମାନଙ୍କ ମଧ୍ୟରୁ ଜଣେ ଲୋଟଙ୍କୁ କହିଲା, ପ୍ରାଣରକ୍ଷା ନିମନ୍ତେ ପଳାଅ, ପଛଆଡ଼କୁ ଦୃଷ୍ଟି କର ନାହିଁ ଓ ଏହି ସମସ୍ତ ପ୍ରାନ୍ତରରେ ହେଁ, ରୁହ ନାହିଁ, ପର୍ବତକୁ ପଳାଇ ଯାଅ, ନୋହିଲେ ବିନଷ୍ଟ ହେବ । .....ସଦାପ୍ରଭୁ ଆକାଶରୁ ସଦାପ୍ରଭୁଙ୍କ ନିକଟକୁ ସଦୋମ ଓ ହମୋରା ଉପରେ ଗନ୍ଧକ ଓ ଅଗ୍ନି ବୃଷ୍ଟି କରି ସେହି ସମୁଦାୟ ନଗର ଓ ପ୍ରାନ୍ତର ଓ ତନ୍ମଧ୍ୟସ୍ଥ ଲୋକ ଓ ସେହି ଭୂମିରେ ଜାତ ସକଳ ପଦାର୍ଥ ଉତ୍ପାଟନ କଲେ । ସେହି ସମୟରେ ଲୋଟର ଭାର୍ଯ୍ୟା ପଛଆଡ଼କୁ ଅନାଇବାରୁ ସେ ଲବଣସ୍ତମ୍ଭ ହେଲା ।'' (ଆଦି ୨୦:୧୫-୨୬) ସଦାପ୍ରଭୁଙ୍କ ଦତ୍ତ ଦୁଇ ଆଜ୍ଞା ମାନି ଲୋଟ ଓ ତାଙ୍କର ଦୁଇ କନ୍ୟା ବିନାଶରୁ ରକ୍ଷା ପାଇଥିଲେ । କିନ୍ତୁ ତାହାଙ୍କ ଭାର୍ଯ୍ୟା ସଦାପ୍ରଭୁଙ୍କ ଆଜ୍ଞା ଅମାନ୍ୟ କରି ବିନଷ୍ଟ ହେଲେ ।

ଯୀଶୁଖ୍ରୀଷ୍ଟ କହିଲେ, ''ଲୋଟଙ୍କ ସ୍ତ୍ରୀର କଥା ସ୍ମରଣ କର ।'' (ଲୂକ ୧୭:୩୨) କାରଣ ଆମ୍ଭମାନଙ୍କ ଜୀବନ ଓ ମୁକ୍ତି ସଦାପ୍ରଭୁଙ୍କ ଆଜ୍ଞାପାଳନ କରିବା ଉପରେ ନିର୍ଭର କରେ । ସଦାପ୍ରଭୁ ସଦୋମ ଓ ହମୋରା ଗନ୍ଧକ ଓ ଅଗ୍ନି ଦ୍ୱାରା ଯେପରି ବିନଷ୍ଟ କରିଥିଲେ, ଏହି ବର୍ତ୍ତମାନ ଦୁଷ୍ଟ ଜଗତକୁ ମଧ୍ୟ ସେହିପରି ବିନାଶ କରିବେ । ପ୍ରେରିତ ପିତର କହନ୍ତି,''ଏହି ବର୍ତ୍ତମାନ ଆକାଶମଣ୍ଡଳ ଓ ପୃଥିବୀ ସେହି ବାକ୍ୟ ଦ୍ୱାରା ଅଧାର୍ମିକ ଲୋକମାନଙ୍କର ବିଚାର ଓ ବିନାଶର ଦିନ ପର୍ଯ୍ୟନ୍ତ ସଞ୍ଚିତ ହୋଇ ଅଗ୍ନି ନିମନ୍ତେ ରକ୍ଷିତ ହୋଇଅଛି । ......ପ୍ରଭୁଙ୍କ ଦିନ ଚୋରର ପରି ଉପସ୍ଥିତ ହେବ । ସେହିଦିନ ଆକାଶମଣ୍ଡଳ ମହାଶବ୍ଦ ସହ ଲୋପ ପାଇବ, ପୁଣି ମୌଳିକ ବସ୍ତୁ ସବୁ ପ୍ରଚଣ୍ଡ ଉତ୍ତାପରେ ତରଳିଯିବେ ଏବଂ ପୃଥିବୀ ଓ ତନ୍ମଧ୍ୟସ୍ଥ ମନୁଷ୍ୟକୃତ ବସ୍ତୁସବୁ ଦଗ୍ଧ ହେବ ।'' (୨ୟ ପିତର ୩:୭,୧୦) । ଏପରି ମହା ବିନାଶରୁ ଆମ୍ଭେମାନେ କିପରି ରକ୍ଷା ପାଇପାରିବା ? ଲୋଟଙ୍କୁ ପରମେଶ୍ୱର ମହାବିନାଶରୁ ରକ୍ଷା କରିବା ନିମନ୍ତେ ଦୁଇଟି ଆଜ୍ଞା ଦେଇଥିଲେ । ତାହା ପାଳନ କରି ସେ ଆପଣା ପ୍ରାଣ ବଞ୍ଚାଇଥିଲେ । ଆଗାମୀ ବିନାଶରୁ ରକ୍ଷା ପାଇବା ନିମନ୍ତେ ଆମ୍ଭେମାନେ ପରମେଶ୍ୱରଙ୍କ ଆଜ୍ଞା ପାଳନ କରୁ ଓ ପଛକୁ (ଜଗତକୁ) ଦୃଷ୍ଟି ନ ଦେଉ ।

କୌଣସି ମନୁଷ୍ୟ ବିନଷ୍ଟ ହେବା ପରମେଶ୍ୱର ଇଚ୍ଛା କରନ୍ତି ନାହିଁ । ''.....ପ୍ରଭୁ ସଦାପ୍ରଭୁ କହନ୍ତି, ଆମ୍ଭେ ଜୀବିତ ପ୍ରମାଣେ ଦୁଷ୍ଟର ମରଣରେ ଆମ୍ଭର ସନ୍ତୋଷ ନାହିଁ, ମାତ୍ର ଦୁଷ୍ଟ ଯେପରି ଫେରି ବଞ୍ଚଇ ଏଥିରେ ହିଁ ଆମ୍ଭର ସନ୍ତୋଷ ।'' (ଯିହିଜିକଲ ୩୩:୧୦) ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି

ଜଗତକୁ ପ୍ରେରଣ କରିଥିଲେ । ତାହାଙ୍କ ଆଜ୍ଞା ପାଳନ ଦ୍ୱାରା ଆମ୍ଭେମାନେ ପରିତ୍ରାଣ ପାଇପାରିବା । ତାହାଙ୍କ ଆଜ୍ଞା ସକଳ ନୂତନ ନିୟମରେ ପଢ଼ିପାରୁ । ସୁସମାଚାର ପ୍ରଚାରକମାନେ ତାହା ପ୍ରଚାର କରୁଅଛନ୍ତି । ତାହାଙ୍କ ଆଜ୍ଞାରେ ଅନନ୍ତଜୀବନ ଅଛି ।

ଲୋଟ ଓ ତାହାଙ୍କ ପରିବାର ପାଇବା ୨ୟ ଆଜ୍ଞା ଥିଲା, ପଛଆଡ଼କୁ ଦୃଷ୍ଟି ନ କରିବା ନିମନ୍ତେ । ଯୀଶୁ କହିଲେ,".....ଯେ ଲଙ୍ଗଳରେ ହାତ ଦେଇ ପଛକୁ ଚାହେଁ, ସେ ଈଶ୍ୱରଙ୍କ ରାଜ୍ୟର ଯୋଗ୍ୟ ନୁହେଁ ।" (ଲୂକ ୯:୬୨) । ପ୍ରେରିତ ପାଉଲ କହନ୍ତି,"ପଶ୍ଚାତ୍ ବିଷୟସବୁ ମନରୁ ଦୂର କରି ସମ୍ମୁଖରେ ଥିବା ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ରଖି ଖ୍ରୀଷ୍ଟଙ୍କ ଠାରେ ଈଶ୍ୱରଙ୍କ ସ୍ୱର୍ଗୀୟ ଆହ୍ୱାନର ପଣ ପାଇବା ନିମନ୍ତେ ପ୍ରାଣପଣ କରି ଲକ୍ଷ୍ୟସ୍ଥଳକୁ ଦୌଡ଼ୁଅଛି । ଏବ୍ରୀ ପୁସ୍ତକ କର୍ତ୍ତା କହନ୍ତି,"କାରଣ ଯେଉଁମାନେ ଥରେ ଆଲୋକପ୍ରାପ୍ତ ହୋଇଅଛନ୍ତି, ସ୍ୱର୍ଗୀୟ ଦାନର ଆସ୍ୱାଦ ପାଇଅଛନ୍ତି, ପବିତ୍ର ଆତ୍ମାଙ୍କର ସହଭାଗୀ ହୋଇଅଛନ୍ତି......ସେମାନେ ଯଦି ଧର୍ମଭ୍ରଷ୍ଟ ହୁଅନ୍ତି, ତାହାହେଲେ ମନ ପରିବର୍ତ୍ତନ ନିମନ୍ତେ ସେମାନଙ୍କୁ ପୁନର୍ବାର ନୂତନ କରାଇବା ଅସାଧ୍ୟ, ଯେଣୁ ସେମାନେ ଆପଣା ଆପଣାର ବିନାଶ ନିମନ୍ତେ ଈଶ୍ୱରଙ୍କ ପୁତ୍ରଙ୍କୁ, ପୁଣି କ୍ରୁଶାରୋପଣ କରି ପ୍ରକାଶରେ ତାହାଙ୍କୁ ନିନ୍ଦାର ପାତ୍ର କରନ୍ତି ।" (ଏବ୍ରୀ ୬:୪-୬) ଜଗତ ତାହାର ଅଭିଳାଷକୁ ଫେରିଯିବା ଖ୍ରୀଷ୍ଟିୟାନମାନଙ୍କ ବିଷୟରେ ପିତର କହନ୍ତି,"ଯେଣୁ ସେମାନେ ଯଦି ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ବିଷୟକ ଜ୍ଞାନ ଦ୍ୱାରା ସଂସାରର ଅଶୁଚିତାରୁ ରକ୍ଷା ପାଇ ପୁନର୍ବାର ସେଥିର ବନ୍ଧନରେ ଆବଦ୍ଧ ହୋଇ ପରାସ୍ତ ହୁଅନ୍ତି, ତାହାହେଲେ ସେମାନେ ପ୍ରଥମ ଦଶା ଅପେକ୍ଷା ଶେଷ ଦଶା ଅଧିକ ମନ୍ଦ ହୁଏ । କାରଣ ଧାର୍ମିକତାର ମାର୍ଗ ଜାଣି ଆପଣାମାନଙ୍କ ନିକଟରେ ସମର୍ପିତ ପବିତ୍ର ଆଜ୍ଞାରୁ ବିମୁଖ ହେବା ଅପେକ୍ଷା ବରଂ ସେହି ମାର୍ଗ ନ ଜାଣିବା ସେମାନଙ୍କ ପକ୍ଷରେ ଭଲ ହୋଇଥାଆନ୍ତା । କୁକୁର ଆପଣା ବାନ୍ତି ଖାଇବାକୁ ଓ ଧୌତ ହୋଇଥିବା ଘୁଷୁରୀ କାଦୁଅରେ ଲୋଟିବାକୁ ପୁନର୍ବାର ଫେରେ, ଏହି ସତ୍ୟ ଦୃଷ୍ଟାନ୍ତବାକ୍ୟ ସେମାନଙ୍କ ପ୍ରତି ଘଟିଅଛି ।" (୧ମ ପିତର ୨:୨୦-୨୨) । ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ପବିତ୍ରୀକୃତ ହୋଇ, ଆଉଥରେ ଜଗତ ଓ ସେଥିର ଅଭିଳାଷ ପ୍ରତି ଆପଣା ଦୃଷ୍ଟି ନ ଫେରାଉ । ଦୀମା ଏହି ବର୍ତ୍ତମାନ ସଂସାରକୁ ପ୍ରେମ କରି, ସାଂସାରିକ ଜୀବନକୁ ଫେରି ଯାଇଥିଲେ ।" (୨ ତୀମଥି ୩:୧୦)

**ସଦାପ୍ରଭୁ ପରମେଶ୍ୱର ଆପଣା ଦେଶ ଓ ଜ୍ଞାତି କୁଟୁମ୍ବ ଓ ପୈତୃକ ଗୃହ**

ତ୍ୟାଗ କରି, ସେ ଦେଖାଇବା ଦେଶକୁ ପ୍ରସ୍ଥାନ କରିବା ନିମନ୍ତେ ଅବ୍ରାହମଙ୍କୁ ଆଜ୍ଞା ଦେଇଥିଲେ । (ଆଦି ୧୨:୧) । ଅବ୍ରାହମ ସଦାପ୍ରଭୁଙ୍କ ଆଜ୍ଞାପାଳନ କରି କଲଦୀୟମାନଙ୍କ ଊର ଦେଶରୁ କିଣାନକୁ ପ୍ରସ୍ଥାନ କରିଥିଲେ । ଏବ୍ରୀ ପୁସ୍ତକ କର୍ତ୍ତା ତାହାଙ୍କ ବିଷୟରେ କହନ୍ତି, "ପୁଣି, ଯେଉଁ ଦେଶରୁ ସେମାନେ ବାହାରି ଆସିଥିଲେ, ଯଦି ପ୍ରକୃତରେ ସେହି ଦେଶକୁ ସେମାନେ ବାହାରି ଆସିଥିଲେ, ଯଦି ପ୍ରକୃତରେ ସେହି ଦେଶକୁ ସ୍ମରଣ କରିଥାଆନ୍ତେ, ତାହାହେଲେ ସେମାନଙ୍କର ବାହୁଡ଼ିଯିବାକୁ ସୁଯୋଗ ହୋଇଥାଆନ୍ତା ।" (ଏବ୍ରୀ ୧୧:୧୫) ସେ ଆପଣା ପୁତ୍ର ଇସ୍‌ହାକଙ୍କ ନିମନ୍ତେ କନ୍ୟା ଖୋଜି ଆଣିବା ନିମନ୍ତେ, ଆପଣା ଦାସ ଏଲିୟାଜର ପ୍ରେରଣ କରିବା ସମୟରେ ଏଲିୟାଜ୍‌ର କହିଲେ,"......ଯେବେ କୌଣସି କନ୍ୟା ମୋ ସହିତ ଏଦେଶକୁ ଆସିବା ପାଇଁ ସମ୍ମତା ନୋହିବ, ତେବେ ଯେଉଁ ଦେଶରୁ ତୁମ୍ଭେ ଆସିଅଛ, ସେହି ଦେଶକୁ କି ତୁମ୍ଭ ପୁତ୍ରଙ୍କୁ ନେଇଯିବି ? ତହିଁରେ ଅବ୍ରାହମ କହଲେ, ସାବଧାନ, ମୋ ପୁତ୍ରକୁ କେବେ ସେଠାକୁ ନେଇଯିବ ନାହିଁ ।" (ଆଦି ୨୪:୫,୬)

ସୈନ୍ୟାଧିପତି ସଦାପ୍ରଭୁଙ୍କ ବାହୁବଳ ଓ ମୋଶାଙ୍କ ନେତୃତ୍ୱରେ ଇସ୍ରାଏଲ୍ ଗୋଷ୍ଠୀ, ଚାରିଶ ବର୍ଷର ଦାସତ୍ୱରୁ ମୁକ୍ତ ହୋଇଥିଲେ । ସ୍ତ୍ରୀ ଓ ସନ୍ତାନସନ୍ତତି ବ୍ୟତୀତ ଛଅଲକ୍ଷ ଯୋଦ୍ଧା ମିସର ଦେଶରୁ ବାହାରି ଆସିଥିଲେ । ମିସରରୁ କିଣାନ ଦେଶ ଏଗାର ଦିନର ରାସ୍ତା, ସେମାନଙ୍କ ଅବିଶ୍ୱାସ ହେତୁ ସେମାନଙ୍କୁ ୪୦ ବର୍ଷ ଯାଏ ଅରଣ୍ୟରେ ଭ୍ରମଣ କରିବାକୁ ପଡ଼ିଲା । ସେମାନେ କହିଲେ, "ଆମ୍ଭେମାନେ ମିସର ଦେଶରେ ବିନାମୂଲ୍ୟରେ ଯେଉଁ ମାଛ ଖାଉଥିଲୁ, ତାହା ମନରେ ପଡ଼େ, ସେ କାକୁଡ଼ି ଓ ସେ ଖରଭୂଜ ଓ ସେ ଘରୁ ଓ ସେ ପିଆଜ ଓ ରସୁଣ (ମନରେ ପଡ଼େ)" (ଗଣନା ୧୧:୫ ଓ ଯାତ୍ରା ୧୬:୩୮, ଗଣନା ୧୪:୩୦) । ମିସର ଦେଶରୁ ଆଗତ ମହାଜନସମୂହ ମଧ୍ୟରୁ କେବଳ ନୂନର ପୁତ୍ର ଯିହୋଶୂୟ ଓ କାଲେବ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରିଥିଲେ । ଅବିଶ୍ୱାସ, ଅବଧ୍ୟତା ଯୋଗୁଁ ସମସ୍ତେ ପ୍ରାନ୍ତରରେ ବିନଷ୍ଟ ହେଲେ । ସଦାପ୍ରଭୁ ଆମ୍ଭମାନଙ୍କୁ ଆମ୍ଭମାନଙ୍କ ପାପରୂପ ଦାସତ୍ୱରୁ ମୁକ୍ତ କଲା ପରେ, ପୁନର୍ବାର ପାପମୟ ଜୀବନକୁ ଫେରି ନ ଚାହିଁ ।

ଲୋଟ ଓ ତାହାଙ୍କ ଭାର୍ଯ୍ୟାର ଜୀବନ ଆମ୍ଭମାନଙ୍କ ନିମନ୍ତେ ଆଦର୍ଶମୟ ହେଉ । ପରମେଶ୍ୱରଙ୍କ ଆଜ୍ଞା ପାଳନରେ ଅନନ୍ତ ଜୀବନ । ଅବାଧ୍ୟତା ଓ ପଶ୍ଚାତ୍‌ଗମନରେ ଅନନ୍ତ ଶାସ୍ତି ।

*- Kabita Gootam*

# ଆନ୍ଦ୍ରିୟ
## (Andrew)

ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପ୍ରେରିତଗଣ ମଧ୍ୟରେ ଆନ୍ଦ୍ରିୟଙ୍କ ସ୍ଥାନ ଅନ୍ୟତମ । ପରମେଶ୍ୱରଙ୍କ ଇଚ୍ଛା ସାଧନ କରି ଏ ଜଗତରେ ପ୍ରକୃତ ଖ୍ରୀଷ୍ଟିୟାନ ଜୀବନଯାପନ କରିପାରିବା ବ୍ୟକ୍ତିମାନଙ୍କୁ ଖ୍ରୀଷ୍ଟ ଆପଣା ପ୍ରେରିତରୂପେ ମନୋନୀତ କରିଥିଲେ । ଆନ୍ଦ୍ରିୟ ସେମାନଙ୍କ ମଧ୍ୟରୁ ଜଣେ ।

ଆନ୍ଦ୍ରିୟଙ୍କୁ, ଶିମୋନ ପିତରଙ୍କ ଭ୍ରାତା ରୂପେ ଆମ୍ଭେମାନେ ଜାଣୁ । ନେତୃତ୍ୱର ଲକ୍ଷଣ ତାହାଙ୍କ ଠାରେ ପରିଲକ୍ଷିତ ହୁଏ ନାହିଁ ତଥା ସୁସମାଚାର ପ୍ରଚାରରେ ତାହାଙ୍କ ପାତ୍ର ସ୍ୱଳ୍ପ ଏବଂ ସେ ଖ୍ରୀଷ୍ଟଙ୍କ ସାନ୍ନିହିତ ଶିଷ୍ୟଗଣରେ ମଧ୍ୟ ଅନ୍ତର୍ଭୁକ୍ତ ନଥିଲେ । ଗାଲୀଲୀର ବେଥ୍‌ସାଇଡା ନିବାସୀ ଆନ୍ଦ୍ରିୟଙ୍କ ନାମର ଅର୍ଥ ମାନନିତ୍ୟ ବା ପୌରୁଷତ୍ୱ । ପିତା ଯୁନସ ଓ ମାତା ଯୋହନ୍ନାଙ୍କ ସୁପୁତ୍ର ଆନ୍ଦ୍ରିୟ ଏକ ମତ୍ସ୍ୟଜୀବୀ ଥିଲେ ।

ଆନ୍ଦ୍ରିୟ ଏବଂ ଅନ୍ୟ ଏକ ଶିଷ୍ୟ (ସମ୍ଭବତଃ ଫିଲିପ) ବାସ୍ତବରେ ବାପ୍ତିଜକ ଯୋହନଙ୍କ ଶିଷ୍ୟ ଥିଲେ । ବାପ୍ତିଜକ ଯୋହନ ସେମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କୁ ଲକ୍ଷ୍ୟ କରି କହିଲେ, ''ଏହି ଦେଖ, ଈଶ୍ୱରଙ୍କ ମେଷଶାବକ'' । ବାପ୍ତିଜକ ଯୋହନଙ୍କ ଦ୍ୱାରା ଯୀଶୁଖ୍ରୀଷ୍ଟଙ୍କ ପରିଚୟ ପାଇ ସେମାନେ ସେହିଦିନରୁ ଯୀଶୁଖ୍ରୀଷ୍ଟଙ୍କ ଅନୁସରଣ କଲେ । (ଯୋହନ ୧:୩୫:୪୨

ଆନ୍ଦ୍ରିୟ ପ୍ରଥମେ ଯୀଶୁଖ୍ରୀଷ୍ଟଙ୍କୁ ତାହାଙ୍କ ପରିବାର ବର୍ଗ ସହିତ ପରିଚିତ କଲେ । ସେ ଆପଣା ଭ୍ରାତା ଶିମୋନଙ୍କ ସାକ୍ଷାତ କରି କହିଲେ, ଆମ୍ଭେମାନେ ମଶୀହର ଦେଖା ପାଇଅଛୁ ଏବଂ ସେ ଶିମୋନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ଆଣିଲେ (ଯୋହନ ୧:୪୧) । ଶିମୋନ ପିତରଙ୍କ ଏକ ବିଶିଷ୍ଟତା ପୂର୍ବ ଅଧ୍ୟାୟଗୁଡ଼ିକରେ ବର୍ଣ୍ଣିତ କରାଯାଇଅଛି ।

ଆନ୍ଦ୍ରିୟକଙ୍କ ସଦୃଶ୍ୟ ଆମ୍ଭେମାନେ ଖ୍ରୀଷ୍ଟଙ୍କୁ ଆମ୍ଭମାନଙ୍କ ପରିବାରବର୍ଗଙ୍କ ସହିତ ପରିଚିତ କରୁଅଛୁ କି ? ଆମ୍ଭେମାନେ ସର୍ବପ୍ରଥମେ ପରମେଶ୍ୱରଙ୍କୁ ଓ ତାହାଙ୍କ ମଣ୍ଡଳୀକୁ ପ୍ରେମ କରିବା ଉଚିତ (ମାଥିଉ ୬:୩୩) । ଉପଦେଶକ କହନ୍ତି, ''ପରମେଶ୍ୱରଙ୍କୁ ଭୟ କର ଓ ତାହାଙ୍କର ଆଜ୍ଞାସବୁ ପାଳନ କର, କାରଣ ଏହା ହିଁ ମନୁଷ୍ୟର ପୂର୍ଣ୍ଣ କର୍ତ୍ତବ୍ୟ କର୍ମ ।'' (ଉପଦେଶକ ୧୨:୧୩) । ଏହି କର୍ତ୍ତବ୍ୟ ଆମ୍ଭେମାନେ ପାଳନ

କରି, ଅନ୍ୟମାନଙ୍କୁ ପାଳନ କରିବାକୁ ଉତ୍ସାହିତ କରୁ । ଆନ୍ଦ୍ରିୟଙ୍କ ପ୍ରଚାରିତ ପ୍ରସଙ୍ଗ କିଅବା ଚେଷ୍ଟାଫଳେ ଶିମୋନ ପିତର ରୂପ ଶ୍ରେଷ୍ଠ ଯୋଦ୍ଧା ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆକର୍ଷିତ ହୋଇଥିଲେ, ପିତର ଦ୍ୱାରା ପ୍ରଭୁଯୀଶୁ ଅନେକ ମହାନ କାର୍ଯ୍ୟ ସାଧନ କରିଥିଲେ । ସର୍ବଦେଶ ଓ ସମସ୍ତ ଜାତି ନିକଟରେ ସୁସମାଚାର ପ୍ରଚାର କାର୍ଯ୍ୟର ଆରମ୍ଭ ଆମ୍ଭମାନଙ୍କ ସ୍ୱଗୃହରୁ ଆରମ୍ଭ ହେଉ । ଆନ୍ଦ୍ରିୟକ ଏ କ୍ଷେତ୍ରରେ ଆମ୍ଭମାନଙ୍କ ଆଦର୍ଶ ଅଟନ୍ତି ।

ଆନ୍ଦ୍ରିୟ ଯୁବକମାନଙ୍କୁ ଖ୍ରୀଷ୍ଟଙ୍କ ପରିଚର୍ଯ୍ୟା କରିବାରେ ଉତ୍ସାହିତ କରୁଥିଲେ । ଥରେ ଖ୍ରୀଷ୍ଟଙ୍କୁ ବାକ୍ୟ ଶୁଣିବା ନିମନ୍ତେ ଅସଂଖ୍ୟ ଲୋକ ତାହାଙ୍କ ନିକଟକୁ ବାକ୍ୟ ଆସିବାରୁ, ସେମାନଙ୍କୁ କିପରି ଖାଦ୍ୟ ପରିବେଷଣ କରାଯିବ ବୋଲି ଫିଲିପଙ୍କୁ, ଯୀଶୁଖ୍ରୀଷ୍ଟଙ୍କୁ ପ୍ରଶ୍ନ କରିଥିଲେ । ସେତେବେଳେ ଆନ୍ଦ୍ରିୟ, ପାଞ୍ଚଟି ରୋଟୀ ଓ ଦୁଇଟି ସାନ ମାଛ ଭୋଜନ ନିମନ୍ତେ ଆଣିଥିବା ଏକ ବାଳକକୁ ଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ଆଣିଥିଲେ । ଯୀଶୁଖ୍ରୀଷ୍ଟଙ୍କ ଆଶୀର୍ବାଦରେ ସେହି ପାଞ୍ଚଟି ରୋଟୀ ଓ ଦୁଇ ସାନ ମାଛ ଦ୍ୱାରା ପାଞ୍ଚ ହଜାର ପୁରୁଷ ଭୋଜନ କରି ତୃପ୍ତ ହୋଇଥିଲେ । ସେମାନେ ପରିତୃପ୍ତ ଭାବେ ଭୋଜନ କରିବା ପରେ ବାର ଟୋକେଇ ରୋଟୀଖଣ୍ଡ ବଳି ଥିଲା । ସେହି ବାଳକ ଖ୍ରୀଷ୍ଟଙ୍କ ଦ୍ୱାରା କିପରି ବ୍ୟବହୃତ ହୋଇପାରିବ, ଆନ୍ଦ୍ରିୟଙ୍କ ଦ୍ୱାରା ସୁଶିକ୍ଷିତ ହୋଇଥିଲେ । ଯୁବକମାନେ ଆପଣା ଯୁବାବସ୍ଥାରୁ ଖ୍ରୀଷ୍ଟଙ୍କ ପରିଚର୍ଯ୍ୟାରେ ଆସକ୍ତ ହେବା ନିମନ୍ତେ ଆମ୍ଭେମାନେ ସେମାନଙ୍କୁ ଶିକ୍ଷାଦେବା ଆବଶ୍ୟକ । "ତୁମ୍ଭେ ଯୌବନକାଳରେ ଆପଣା ସୃଷ୍ଟିକର୍ତ୍ତାଙ୍କୁ ସ୍ମରଣ କର" ବୋଲି ଉପଦେଶକ ୧୨:୧ ପଦରେ ପଢ଼ିଥାଉ । "ହେ ବତ୍ସଗଣ, ମୁଁ ତୁମ୍ଭମାନଙ୍କ ନିକଟକୁ ଲେଖିଲି, କାରଣ ସେ ଆଦ୍ୟରୁ ଅଛନ୍ତି, ତାହାଙ୍କୁ ତୁମ୍ଭେମାନେ ଜାଣିଅଛ । ହେ ଯୁବକମାନେ ମୁଁ ତୁମ୍ଭମାନଙ୍କ ନିକଟକୁ ଲେଖିଲି କାରଣ ତୁମ୍ଭେମାନେ ବଳବାନ ପୁଣି ଈଶ୍ୱରଙ୍କ ବାକ୍ୟ ତୁମ୍ଭମାନଙ୍କ ଠାରେ ଅଛି ଓ ତୁମ୍ଭେମାନେ ପାପାତ୍ମାକୁ ଜୟ କରିଅଛ । (୧ମ ଯୋହନ ୨:୧୪)

ଆମ୍ଭମାନଙ୍କ ସମାଜରେ ଆନ୍ଦ୍ରିୟ ସଦୃଶ୍ୟ ବ୍ୟକ୍ତିମାନଙ୍କ ଆବଶ୍ୟକତା ଅଛି । ଆପଣା ବନ୍ଧୁମିତ୍ରଙ୍କୁ ଓ ପରିଚିତ ପ୍ରତ୍ୟେକଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଆଣିବା ଆବଶ୍ୟକ । ଆମ୍ଭମାନଙ୍କ ମଣ୍ଡଳୀମାନଙ୍କରେ ପ୍ରାଚୀନ, ସେବକ, ନେତା, ପ୍ରଚାରକ କାର୍ଯ୍ୟ ନିମନ୍ତେ ଆନ୍ଦ୍ରିୟଙ୍କ ସଦୃଶ୍ୟ ଯୁବକମାନଙ୍କୁ ଆମ୍ଭେମାନେ ଖ୍ରୀଷ୍ଟଙ୍କ ନିକଟକୁ ଆସିବା ନିମନ୍ତେ ଉତ୍ସାହିତ କରିବା ଆବଶ୍ୟକ ।

ଆପଣା ପରିବାର ଓ ଯୁବକମାନଙ୍କ ବ୍ୟତୀତ ଆନ୍ଦ୍ରିୟ ବିଜାତୀୟମାନଙ୍କ ମଧ୍ୟରେ ଖ୍ରୀଷ୍ଟଙ୍କ ପରିଚର୍ଯ୍ୟାର ଭାର ବହନ କରିଥିଲେ । ନିସ୍ତାର ପର୍ବ ସମୟରେ କେତେକ ଗ୍ରୀକ୍ ଲୋକ "....ଫିଲିପ୍ ନିକଟକୁ ଆସି ତାହାଙ୍କୁ ଅନୁରୋଧ କରି କହିଲେ, ମହାଶୟ, ଯୀଶୁଙ୍କୁ ଦର୍ଶନ କରିବା ନିମନ୍ତେ ଆମ୍ଭମାନଙ୍କ ଇଚ୍ଛା । ଫିଲିପ୍ପ ଯାଇ ଆନ୍ଦ୍ରିୟଙ୍କୁ କହିଲେ, ପୁଣି ଆନ୍ଦ୍ରିୟ ଓ ଫିଲିପ୍ପ ଯାଇ ଯୀଶୁଙ୍କୁ କହିଲେ ।" (ଯୋହନ ୧୨:୨୦) । ଗ୍ରୀକ୍ ଓ ଯିହୂଦୀମାନଙ୍କ ମଧ୍ୟରେ ଅପ୍ରିୟତା ଥିଲେ ସୁଦ୍ଧା, ଯୀଶୁଖ୍ରୀଷ୍ଟ ଗ୍ରୀକ୍‌ମାନଙ୍କୁ ପ୍ରେମ କରୁଥିଲେ ବୋଲି ଆନ୍ଦ୍ରିୟ ଜ୍ଞାତ ଥିଲେ । ତେଣୁକରି ସେ ଗ୍ରୀକ୍‌ମାନଙ୍କୁ ଖ୍ରୀଷ୍ଟଙ୍କୁ ପରିଚିତ କରିବାରେ ଦ୍ୱିଧାବୋଧ କରି ନଥିଲେ । ଖ୍ରୀଷ୍ଟଧର୍ମ ଯିହୂଦୀମାନଙ୍କ ଠାରୁ ଅଧିକଭାବେ ଗ୍ରୀକ୍‌ମାନଙ୍କୁ ପ୍ରଭାବିତ କରିଥିଲା । ଆମ୍ଭେମାନେ ମଧ୍ୟ ଆନ୍ଦ୍ରିୟଙ୍କ ସଦୃଶ୍ୟ ସମସ୍ତଙ୍କ ନିକଟରେ ଖ୍ରୀଷ୍ଟଙ୍କୁ ପରିଚିତ କରିବା ନିମନ୍ତେ ସଦାପ୍ରସ୍ତୁତ ରହିବା ଆବଶ୍ୟକ । ସମୟ ଓ ସୁବିଧାର ସଦ୍‌ବ୍ୟବହାର କରି ଆନ୍ଦ୍ରିୟ ଯଥାସାଧ୍ୟ ଖ୍ରୀଷ୍ଟଙ୍କ ପରିଚର୍ଯ୍ୟା କାର୍ଯ୍ୟରେ ଆପଣାକୁ ନିୟୋଜିତ କରୁଥିଲେ । ବିଚାରଦିନରେ ସେ ଆପଣା ସମସ୍ତ ସୁକର୍ମ ନିମନ୍ତେ ପରିସ୍କୃତ ହେବେ ।

ଆନ୍ଦ୍ରିୟଙ୍କ ଏହିଗୁଣ ଖ୍ରୀଷ୍ଟଧର୍ମର ଏକ ପ୍ରଧାନ ଅସ୍ତ୍ର । ପ୍ରତ୍ୟେକ ଖ୍ରୀଷ୍ଟିୟାନ ତାହାଙ୍କୁ ଦତ୍ତ ହୋଇଥିବା ତୋଡ଼ାର ଉପଯୁକ୍ତ ବିନିଯୋଗ କରିବା ଆବଶ୍ୟକ । ଜ୍ଞାନୀ, ଶିକ୍ଷିତ, ଉଚ୍ଚପଦବୀ ପ୍ରାପ୍ତ ହେଲେ ସୁଦ୍ଧା, ପ୍ରଭୁଙ୍କ କାର୍ଯ୍ୟ ଆମ୍ଭମାନଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ ହେଉ ।

ଶେଷଥର ପାଇଁ ପ୍ରେରିତମାନଙ୍କ କାର୍ଯ୍ୟର ବିବରଣର ୧ମ ଅଧ୍ୟାୟ ଓ ୧୩ମ ବାକ୍ୟରେ ଆନ୍ଦ୍ରିୟଙ୍କ ବିଷୟରେ ପଢ଼ିଥାଉ । ସେ ଦକ୍ଷିଣ ରୋମରେ ଖ୍ରୀଷ୍ଟଙ୍କ କାର୍ଯ୍ୟ କରିଥିଲେ ବୋଲି ୟସିବସ୍ ନାମକ ଇତିହାସକଙ୍କ ମତ । ପାର୍ତ୍ତୀୟ ଓ ଏଫିସୀୟମାନଙ୍କ ମଧ୍ୟରେ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିଥିଲେ ବୋଲି ଆଉ କେତେକଙ୍କ ମତ । ସେ X ଆକୃତିର କ୍ରୁଶରେ ହତ ହୋଇଥିଲେ ଇତିହାସ କହେ । ତେଣୁକରି X ଚିହ୍ନକୁ ଆନ୍ଦ୍ରିୟ କ୍ରୁଶ (Andrew Cross) ରୂପେ ଜଣାଯାଏ । ଆନ୍ଦ୍ରିୟ ସେହି କ୍ରୁଶ ଉପରେ ତିନିଦିନ ଝୁଲି, ଖ୍ରୀ:ଜ: ୬୯ ମସିହାରେ ମୃତ୍ୟୁବରଣ କରିଥିଲେ ।

ଆଜିର ସମାଜ ମଧ୍ୟ ବ୍ୟକ୍ତିଗତ ପରିଚର୍ଯ୍ୟା କାର୍ଯ୍ୟ ବହନକାରୀ ମନୁଷ୍ୟ ଆବଶ୍ୟକ କରେ । ଖ୍ରୀଷ୍ଟଙ୍କ ବିଷୟରେ ଅନ୍ୟମାନଙ୍କୁ କହିବାରେ ଖ୍ରୀଷ୍ଟଙ୍କ ରାଜ୍ୟ ବିସ୍ତୃତ ହୁଏ । ଖ୍ରୀଷ୍ଟଙ୍କ ବିଷୟରେ ଅନ୍ୟମାନଙ୍କୁ ନଜଣାଇବା ଲୋକେ ପ୍ରକୃତ ଖ୍ରୀଷ୍ଟିୟାନ ନୁହନ୍ତି ।

ଆପଣ ମଧ୍ୟ ଆନ୍ଦ୍ରିୟଙ୍କ ସଦୃଶ୍ୟ ଖ୍ରୀଷ୍ଟଙ୍କୁ ଜାଣିଅଛନ୍ତି । ଆପଣଙ୍କ ହୃଦୟ ଓ ଜୀବନ ତାହାଙ୍କ ଠାରେ ଅର୍ପଣ କରି ବିଶ୍ୱାସ ଓ ଆଜ୍ଞାବହତାର ଜୀବନଯାପନ କରି ତାହାଙ୍କ ଦତ୍ତ ସକଳ ଆଶୀଷ ପ୍ରାପ୍ତ ହୁଅନ୍ତୁ । - *Joshua Gootam*

❋❋❋

# ପାପୀର ପ୍ରାର୍ଥନା

## (A Sinner's Prayer)

ଯେଉଁମାନେ ଖ୍ରୀଷ୍ଟିୟାନ ନୁହନ୍ତି, ସେମାନଙ୍କ ପ୍ରାର୍ଥନା ସଦାପ୍ରଭୁ ଶ୍ରବଣ କରିବେ ବୋଲି ପ୍ରତିଜ୍ଞା କରିନାହାନ୍ତି । ସଦାପ୍ରଭୁ କେଉଁମାନଙ୍କ ପ୍ରାର୍ଥନା ଶୁଣନ୍ତି ନାହିଁ ନିମ୍ନଲିଖିତ ବାକ୍ୟଗୁଡ଼ିକ ଆମ୍ଭମାନଙ୍କୁ ବୁଝାଇ ଦିଏ । "ଯେବେ ମୁଁ ମନ ମଧ୍ୟରେ ଅଧର୍ମକୁ ଆଦର କରେ, ତେବେ ପ୍ରଭୁ ମୋ କଥା ଶୁଣିବେ ନାହିଁ ।" (ଗୀତ ୬୬:୧୮) "ତୁମ୍ଭେ ତାହା ଉପରେ ଏକ ଦୁଷ୍ଟ ଲୋକ ନିଯୁକ୍ତ କର, ପୁଣି ଜଣେ ବିପକ୍ଷ ତାହାର ଦକ୍ଷିଣ ପାର୍ଶ୍ୱରେ ଠିଆ ହେଉ । ସେ ବିଚାରିତ ହେବା ସମୟରେ ଦୋଷୀକୃତ ହେଉ, ପୁଣି, ତାହାର ପ୍ରାର୍ଥନା ପାପ ରୂପେ ଗଣିତ ହେଉ ।" (ଗୀତ ୧୦୯:୬,୭) । "ଯେଉଁ ଲୋକ ବ୍ୟବସ୍ଥା ଶୁଣିବାରୁ ଆପଣା କର୍ଣ୍ଣ ଫେରାଏ, ତାହାର ପ୍ରାର୍ଥନା ହିଁ ଘୃଣାର ବିଷୟ ହୁଏ ।" (ହିତ ୨୮:୯) । "କାରଣ ଧାର୍ମିକମାନଙ୍କ ପ୍ରତି ପ୍ରଭୁଙ୍କ ଦୃଷ୍ଟି ଅଛି, ସେମାନଙ୍କ ବିନତି ପ୍ରତି ତାହାଙ୍କ କର୍ଣ୍ଣ ଉନ୍ମୁକ୍ତ ଅଟେ, କିନ୍ତୁ ପ୍ରଭୁଙ୍କର ମୁଖ ଦୁଷ୍କର୍ମକାରୀମାନଙ୍କ ପ୍ରତିକୂଳ ।" (୧ମ ପିତର ୩:୧୨, ଗୀତ ୩୪:୧୫,୧୬)

**ଆମ୍ଭମାନଙ୍କ ପ୍ରାର୍ଥନା ସଦାପ୍ରଭୁ ଶୁଣିବା ନିମନ୍ତେ :-**

୧) ତାହାଙ୍କ ନାମ ଧାରଣକାରୀ ତାହାଙ୍କ ପ୍ରଜା ହେଉ (୨ ବଂଶାବଳୀ ୭:୧୪)

୨) ଯୀଶୁଖ୍ରୀଷ୍ଟଙ୍କ ନାମରେ ପ୍ରାର୍ଥନା କରୁ । (ଯୋହନ ୧୪:୧୩)

୩) ବିଶ୍ୱାସରେ ମାଗୁ (ଯାକୁବ ୧:୬,୭)

୪) କୁଅଭିଳାଷ ନିମନ୍ତେ ପ୍ରାର୍ଥନା ନ କରୁ (ଯାକୁବ ୪:୩)

୫) ତାହାଙ୍କ ଆଜ୍ଞାପାଳନ କରି, ତାହାଙ୍କ ଦୃଷ୍ଟିରେ ଯାହା ଉତ୍ତମ ତାହା କରୁ । (୧ମ ଯୋହନ ୩:୨୨)

୬) ତାହାଙ୍କ ଇଚ୍ଛାନୁଯାୟୀ ପ୍ରାର୍ଥନା କରୁ । (୧ମ ଯୋହନ ୫:୧୪)

ଏହି ଖ୍ରୀଷ୍ଟିୟାନ ଯୁଗରେ ଅଖ୍ରୀଷ୍ଟିୟାନମାନଙ୍କୁ ପ୍ରାର୍ଥନା କରି ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ କିଅବା ପ୍ରାର୍ଥନା କରିବା ନିମନ୍ତେ ବାକ୍ୟରେ କୁହାଯାଏ ନାହିଁ ।

**ବାଇବଲ ଉଦାହରଣ :** ଖ୍ରୀ:ଜ: ୩୩ ମସିହାର ପେଣ୍ଟିକଷ୍ଟ ଦିନରେ ପାପୀମାନଙ୍କୁ ପ୍ରାର୍ଥନା କରି ପରିତ୍ରାଣ ପ୍ରାପ୍ତ ହେବାକୁ କୁହାଯାଇ ନଥିଲା । "ଆଉ, ଏପରି ଘଟିବ ଯେ, ଯେକେହି ପ୍ରଭୁଙ୍କ ନାମରେ ପ୍ରାର୍ଥନା କରିବ, ସେ ପରିତ୍ରାଣ ପାଇବ" ପିତର (ପ୍ରେରିତ ୨:୨୧) ଏହି ବାକ୍ୟ ଯୋୟେଲଙ୍କ ଭାବବାଣୀରୁ ଉଦ୍ଧୃତ କରିଅଛନ୍ତି । ତେଣୁକରି ଅନେକେ ପରିତ୍ରାଣ ପ୍ରାପ୍ତି ନିମନ୍ତେ 'ପ୍ରଭୁଙ୍କ ନାମରେ' ପ୍ରାର୍ଥନା କଲେ ପରିତ୍ରାଣ ପ୍ରାପ୍ତ ହେବେ ବୋଲି ବିଶ୍ୱାସ କରନ୍ତି । "Call" (ଡାକିବା) ଏହି ପଦ, "epikaleo" ବୋଲୀ ଗ୍ରୀକ୍ ପଦରୁ ଆନୀତ । ଏହି ଗ୍ରୀକ୍ ପଦର ଅର୍ଥ ନାମରେ ପ୍ରାର୍ଥନା କରିବା (ପ୍ରେରିତ ୧:୨୩), କିଅବା ବିନତି କରିବା (ପ୍ରେରିତ ୭:୫୯, ୨୫:୧୧,୧୨, ୨୬:୩୨, ୨୮:୧୯) କେବଳ "ପ୍ରଭୁ ପ୍ରଭୁ" ବୋଲି ଡାକିବା ଲୋକେ ପରିତ୍ରାଣ ପ୍ରାପ୍ତ ହୁଅନ୍ତି ନାହିଁ, କିନ୍ତୁ ଯେଉଁମାନେ ପିତାଙ୍କ ଇଚ୍ଛା ପାଳନ କରନ୍ତି ସେମାନେ ପରିତ୍ରାଣପ୍ରାପ୍ତ ହେବେ ।

ପରିତ୍ରାଣପ୍ରାପ୍ତ ହେବା ନିମନ୍ତେ କଅଣ କରିବା ଆବଶ୍ୟକ ବୋଲି ଯିହୂଦୀମାନେ ପ୍ରଶ୍ନ କରିବା ସମୟରେ (ପ୍ରେରିତ ୨:୩୭) ପ୍ରେରିତ ପାଉଲ ପ୍ରାର୍ଥନା କରି ପରିତ୍ରାଣପ୍ରାପ୍ତ ହୁଅ ବୋଲି କହିନଥିଲେ । କିନ୍ତୁ ମନପରିବର୍ତ୍ତନ କରି ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଲେ ପରିତ୍ରାଣପ୍ରାପ୍ତ ହେବ ବୋଲି ସେମାନଙ୍କୁ ଆଜ୍ଞା ଦେଇଥିଲେ । (ପ୍ରେରିତ ୨:୩୮) । ପାଉଲ ପ୍ରାର୍ଥନା କରିବା ସମୟରେ (ପ୍ରେରିତ ୯:୧୧) ପ୍ରଭୁଯୀଶୁଙ୍କ ନାମରେ ବାପ୍ତିଜିତ ହୋଇ ଆପଣା ପାପରୁ ଧୌତ ହେବା ନିମନ୍ତେ ନିର୍ଦ୍ଦେଶିତ ହେବା ଦ୍ୱାରା ପାଉଲ ପାପକ୍ଷମା ପାଇଥିଲେ । ବାପ୍ତିଜିତ ପ୍ରାର୍ଥନାକାରୀ କର୍ଣ୍ଣେଲୀୟ, ବାପ୍ତିଜିତ ହୋଇ ଆପଣା ପାପରୁ ଧୌତ ହେବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । (ପ୍ରେରିତ ୧୦:୪୩)

କୌଣସି ଅଖ୍ରୀଷ୍ଟିୟାନଙ୍କୁ ପ୍ରାର୍ଥନା କରି ପାପକ୍ଷମା ପାଇବା ନିମନ୍ତେ କୁହାଯାଇ ନଥିଲା । କିନ୍ତୁ ଅନେକ ବିନଷ୍ଟ ହୋଇଯାଉଥିବା ଆତ୍ମାମାନଙ୍କୁ "ପାପୀର ପ୍ରାର୍ଥନା" ଶିକ୍ଷା ଦେଉଅଛନ୍ତି ।

ପାପୀର ପ୍ରାର୍ଥନା : ଅଧିକାଂଶ ମତଶାଖା ମଣ୍ଡଳୀଗୁଡ଼ିକରେ ପାପକ୍ଷମା ନିମନ୍ତେ "ପାପୀର ପ୍ରାର୍ଥନା" ଯଥେଷ୍ଟ ବୋଲି ମନେ କରନ୍ତି । ପାପୀର ପ୍ରାର୍ଥନା ମଣ୍ଡଳୀ,

ମଣ୍ଡଳୀ ମଧ୍ୟରେ ପାର୍ଥକ୍ୟ ଦେଖାଯାଏ । ଏହି ପ୍ରାର୍ଥନା ଯଦି ପ୍ରକୃତରେ ପାପୀ ମନୁଷ୍ୟକୁ ପାପକ୍ଷମା ଦେଇପାରୁଥାନ୍ତା (୧) ପ୍ରତ୍ୟେକ ମଣ୍ଡଳୀରେ ଏକ ପ୍ରାର୍ଥନା କୁହାଯାଉଥାନ୍ତା । (୨) ଏହି ପ୍ରାର୍ଥନା ଧର୍ମଶାସ୍ତ୍ରରେ ଲିଖିତ ହୋଇଥାନ୍ତା ।

''ପରମେଶ୍ୱର, ମୁଁ ଆପଣା ପାପ ନିମନ୍ତେ ଦୁଃଖିତ ଅଟେ । ଏବେ ମୁଁ ଆପଣା ପାପରୁ ଫେରି, ପାପକ୍ଷମା ଚାହୁଁଛି । ମୋହର ପାପର ପ୍ରାୟଶ୍ଚିତ ନିମନ୍ତେ ଯୀଶୁଖ୍ରୀଷ୍ଟଙ୍କୁ ଏହି ଜଗତକୁ ପଠାଇଥିବାରୁ, ମୁଁ ତୁମକୁ ଧନ୍ୟବାଦ ଦିଏ । ପ୍ରଭୁଯୀଶୁ, ମୋ ହୃଦୟରେ ଆସି ମୋର ପ୍ରଭୁ, ତ୍ରାଣକର୍ତ୍ତା ଓ ବନ୍ଧୁ ହୁଅ । ମୋ ପାପକ୍ଷମା କରି, ମୋତେ ଅନନ୍ତଜୀବନ ଦେଇଥିବାରୁ ଧନ୍ୟବାଦ ଦିଏ । ପ୍ରଭୁଯୀଶୁଙ୍କ ନାମରେ ମାଗୁଅଛି । ଆମେନ୍'' ଏହା ଏକ ପାପୀର ପ୍ରାର୍ଥନା (The Book of Hope - P-53) । ଏହି ''ପାପୀର ପ୍ରାର୍ଥନା'' ଦ୍ୱାରା ପରମେଶ୍ୱର ମନୁଷ୍ୟମାନଙ୍କୁ ପାପ କ୍ଷମା କରି ଆପଣା ପରିବାରରେ ଅନ୍ତର୍ଭୁକ୍ତ କରିବେ ବୋଲି ସେମାନଙ୍କ ବିଶ୍ୱାସ ।

ଏହି ପ୍ରାର୍ଥନା କିଅବା କୌଣସି ପ୍ରତିଜ୍ଞା ଆମ୍ଭେମାନେ ବାଇବଲରେ ପଢ଼ି ନପାରୁ । ପ୍ରତିଜ୍ଞା ମନୁଷ୍ୟ କରିଅଛି, ସଦାପ୍ରଭୁ ନୁହେଁ, ତେଣୁକରି ସଦାପ୍ରଭୁ ଏହି ପ୍ରତିଜ୍ଞାର ମାନ୍ୟ କରିବେ ନାହିଁ ।

ଆମ୍ଭମାନଙ୍କ ଜୀବନରେ ପ୍ରାର୍ଥନାର ପ୍ରାଧାନ୍ୟତା ଅଛି । କିନ୍ତୁ କେବଳ ତାହାଙ୍କ ଇଚ୍ଛାନୁଯାୟୀ ପ୍ରାର୍ଥନା ସେ ଶ୍ରବଣ କରନ୍ତି । ଅଖ୍ରୀଷ୍ଟିୟାନମାନଙ୍କ ପ୍ରାର୍ଥନାରେ ସଦାପ୍ରଭୁ ମନୋଯୋଗ୍ୟ କରି ସଫଳ କରିପାରନ୍ତି, କିନ୍ତୁ କେବଳ 'ପାପୀର ପ୍ରାର୍ଥନା' ଦ୍ୱାରା ମନୁଷ୍ୟ ପାପକ୍ଷମା ପ୍ରାପ୍ତ ହୁଏ ନାହିଁ । ଯେଉଁମାନେ ବାକ୍ୟ ଶ୍ରବଣ କରି (ପ୍ରେରିତ ୧୧:୧୪), ବିଶ୍ୱାସ, ମନପରିବର୍ତ୍ତନ, ସ୍ୱୀକାର ଓ ବାପ୍ତିସ୍ମ ଗ୍ରହଣ କରନ୍ତି, ସେମାନେ ପରିତ୍ରାଣ ପ୍ରାପ୍ତ ହେବେ ।

- ***Owen Olbricht***

❋❋❋

# ମୃତମାନେ କେଉଁଠି ଅଛନ୍ତି ?

## (Where are the dead ?)

ମୃତମାନେ କେଉଁଠି ଅଛନ୍ତି, ଜାଣିବାକୁ ପ୍ରତ୍ୟେକ ଉତ୍ସୁକ । ମନୁଷ୍ୟ ଶରୀର ଓ ଆତ୍ମା ବିଶିଷ୍ଟ ଜୀବୀ । "ଅନନ୍ତର ସଦାପ୍ରଭୁ ପରମେଶ୍ୱର ଭୂମିର ଧୂଳି ଦ୍ୱାରା ମନୁଷ୍ୟକୁ ନିର୍ମାଣ କରି ତାହାର ନାସିକାରନ୍ଧ୍ରରେ ଫୁଙ୍କ ଦେଇ ପ୍ରାଣବାୟୁ ପ୍ରବେଶ କରାଇଲେ ତହିଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା ।" ମନୁଷ୍ୟ ଶରୀର କ୍ଷୟଣୀୟ କିନ୍ତୁ ମନୁଷ୍ୟର ଆତ୍ମା ଅକ୍ଷୟ । ମନୁଷ୍ୟର ଶରୀର ମାଟିରେ ମିଶିଯିବ, ବିନଷ୍ଟ ହେବ, କିନ୍ତୁ ମନୁଷ୍ୟର ଆତ୍ମା ଅମର ।

ମରଣ ପରେ ମନୁଷ୍ୟର ଶରୀରକୁ କଅଣ ଘଟେ ତାହା ଆମ୍ଭମାନଙ୍କୁ ବିଷୟବସ୍ତୁ ନୁହେଁ, ବରଂ ମନୁଷ୍ୟର ଆତ୍ମାକୁ କଅଣ ଘଟେ ? ଆତ୍ମା କେଉଁଠି ଯାଏ ? "ଆତ୍ମା ସାମଧିରେ ରହେ ନାହିଁ, କାରଣ ମନୁଷ୍ୟର ଆତ୍ମା ଶରୀର ତ୍ୟାଗ କଲେ ମନୁଷ୍ୟ ମୃତ୍ୟୁଭୋଗେ ଓ ସମାଧିପ୍ରାପ୍ତ ହୁଏ ।

ମନୁଷ୍ୟ ମରଣ ଭୋଗିବା ପରେ ପାପମୋଚନ ସ୍ଥାନ (Purgatory)କୁ ଯାଏନାହିଁ । ପାପମୋଚନ ସ୍ଥାନକୁ ଯାଇ ଆତ୍ମା ସେଠାରେ ଆପଣା ପାପ ନିମନ୍ତେ ଶାସ୍ତିଭୋଗ କରି ପରିଷ୍କୃତ ହୁଏ ବୋଲି  କେତେକ ବିଶ୍ୱାସ କରନ୍ତି । ଏହି ବିଷୟ ଆମ୍ଭେମାନେ ବାକ୍ୟରେ ପଢ଼ି ନପାଇ ନଥାଉ । କିଅବା ମରଣ ଭୋଗିବା ସଙ୍ଗେ ସଙ୍ଗେ ମନୁଷ୍ୟର ଆତ୍ମା ସ୍ୱର୍ଗକୁ କି ନରକକୁ ଯାଏ ନାହିଁ ।

କ୍ରୁଶରେ ମୃତ୍ୟୁଭୋଗ କରିବା ପୂର୍ବେ, ମନପରିବର୍ତ୍ତନ କରିଥିବା ଡକାଇତକୁ ଯୀଶୁ କହିଥିଲେ, ".......ମୁଁ ତୁମ୍ଭକୁ ସତ୍ୟ କହୁଅଛି, ଆଜି ତୁମ୍ଭେ ମୋହର ସହିତ ପାରଦୀଶରେ ଉପସ୍ଥିତ ହେବ ।" (ଲୁକ ୨୩:୪୩) । ସେହିଦିନ ସେହି ଡକାଇତର ଆତ୍ମା ପାରଦୀଶକୁ ଯାଇଥିଲା । ତିନିଦିନ ଉତ୍ତାରେ ଯୀଶୁ, ମଗଦଲୀନୀ ମରିୟମଙ୍କୁ ଦେଖାଦେଇ କହିଲେ, "......ମୋତେ ଧରି ରଖ ନାହିଁ, କାରଣ ମୁଁ ଏପର୍ଯ୍ୟନ୍ତ ପିତାଙ୍କ ନିକଟକୁ ଆରୋହଣ କରିନାହିଁ...." (ଯୋହନ ୨୦:୧୭) । ଯୀଶୁ ଓ ସେ ଡକାଇତ ଶୁକ୍ରବାର ଦିନ ପାରଦୀଶକୁ ଯାଇଥିଲେ, କିନ୍ତୁ ସପ୍ତାହର ପ୍ରଥମ ଦିନ କିଅବା ରବିବାର ଦିନ, ସେ କହନ୍ତି, "ପିତାଙ୍କ ନିକଟକୁ ସେ ଆରୋହ କରିନାହାନ୍ତି" ତାହାର ଅର୍ଥ ହେଲା ଯେ, ପାରଦୀଶରେ ପିତା ପରମେଶ୍ୱର ବାସ କରନ୍ତି ନାହିଁ ।

ତେବେ ପାରଦୀଶ କେଉଁଠାରେ ? ଯୀଶୁ ମୃତ୍ୟୁ ପରେ କେଉଁ ସ୍ଥାନକୁ ଯାଇଥିଲେ, ତାହା ଜାଣିଲେ ପାରଦୀଶ କେଉଁଠାରେ ଅଛି ଜାଣିପାରିବା । ପ୍ରେରିତ ୨:୨୬-୨୭ ପଦରେ ପ୍ରେରିତ ପିତର, ଖ୍ରୀଷ୍ଟଙ୍କ ପୁନଃରୁଥାନ ବିଷୟକ ଦାଉଦଙ୍କ ଭାବବାଣୀ ବ୍ୟକ୍ତି କରନ୍ତି । ଯାହା କହେ, "......କାରଣ ତୁମ୍ଭେ ମୋହର ପ୍ରାଣକୁ ପାତାଳରେ ପରିତ୍ୟାଗ କରିବ ନାହିଁ......" । Hades ଅର୍ଥାତ୍ ପାତଳ ମୃତ୍ୟୁ ଭୋଗିଥିବା ଆତ୍ମାମାନଙ୍କ ନିବାସ ସ୍ଥାନ । ମୃତ୍ୟୁ ପରେ ଯୀଶୁ ଓ Hades ଡକାଇତ ନାମକ ସ୍ଥାନକୁ ଯାଇଥିଲେ ଯେଉଁଠାରେ ପାରଦୀଶ ଅବସ୍ଥିତ ।

Hadeas କିଅବା ପାତାଳ କିପରି ସ୍ଥାନ ? ସେ ବିଷୟରେ କି ବାଇବଲରେ ପଢ଼ିଥାଉଁ ? ଲୁକ ଲିଖିତ ସୁସମାଚାରର ୧୬ ଅଧ୍ୟାୟରେ ଏକ ଧନୀଲୋକ ଓ ଲାଜରଙ୍କ ବିଷୟରେ ପଢ଼ିଥାଉ । ସେଠାରେ ଲାଜର ମୃତ୍ୟୁଭୋଗି ଅବ୍ରାହମଙ୍କ କୋଳରେ ନୀତ ହୋଇଥିଲେ, କିନ୍ତୁ ଧନୀଲୋକ ଯନ୍ତ୍ରଣାମୟ ସ୍ଥାନକୁ ଯାଇଥିଲେ । ସେ ଆଖି ଉଠାଇ ପାଣିରେ ଆପଣା ଅଙ୍ଗୁଳିର ଟିପ ବୁଡ଼ାଇ ତାହାଙ୍କ ଜିଭକୁ ଥଣ୍ଡା କରିବା ନିମନ୍ତେ ଅନୁରୋଧ କରିଥିଲେ । କିନ୍ତୁ ପିତା ଅବ୍ରାହମ ସେମାନଙ୍କ ମଧ୍ୟରେ ଥିବା ବ୍ୟବଧାନ ହେତୁ ତାହା ଅସମ୍ଭବ ବୋଲି ଉତ୍ତର ଦେଇଥିଲେ । ତତ୍ପରେ ଧନୀଲୋକ ଜଗତରେ ତାହାଙ୍କ ପାଞ୍ଚଭାଇଙ୍କ ନିକଟରେ ସାକ୍ଷ୍ୟ ଦେବା ନିମନ୍ତେ ଲାଜରଙ୍କୁ ପ୍ରେରଣ କରିବା ନିମନ୍ତେ ଅନୁରୋଧ କରିଥିଲେ । ତହିଁରେ ଅବ୍ରାହମ କହିଲେ, ".....ସେମାନଙ୍କ ନିକଟରେ ମୋଶା ଓ ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ଅଛି, ସେମାନେ ସେମାନଙ୍କର କଥା ଶୁଣନ୍ତୁ ।" (ଲୁକ ୧୬:୨୯) । ଏହି କାହାଣୀରୁ ମନୁଷ୍ୟର ମୃତ୍ୟୁରେ ତାହାର ଶରୀର ସମାଧିସ୍ଥ ହୁଏ ଓ ଆତ୍ମା Hadeas ଅର୍ଥାତ୍ ପାତାଳକୁ ଯାଏ । ସେଠାରେ ଧାର୍ମିକର ଆତ୍ମା ପାରଦୀଶକୁ ଓ ଅଧାର୍ମିକର ଆତ୍ମା ଯନ୍ତ୍ରଣା ସ୍ଥାନକୁ ଯାଏ । ଏହି ଦୁଇସ୍ଥଳ ମଧ୍ୟରେ ଅଗାଧ ବ୍ୟବଧାନ ରହିଅଛି । ଜଗତରୁ ସେଠାକୁ ଯାଇଥିବା ଆତ୍ମାଗୁଡ଼ିକ ପରସ୍ପର ଚିହ୍ନିପାରନ୍ତି ଓ ଜଗତରେ କଅଣ ଘଟୁଅଛି ଜାଣିପାରନ୍ତି ।

ଲାଜର ଓ ଧନୀଲୋକଙ୍କ ତାହା ଅନନ୍ତକାଳୀନ ସ୍ଥିତି ନୁହେଁ । କାରଣ ଏହି ଜଗତ ଏବେ ଯାଏ ବିନଷ୍ଟ ହୋଇନାହିଁ ଓ ଶେଷ ବିଚାର ହୋଇନାହିଁ । ଏହି ଘଟଣା ଖ୍ରୀଷ୍ଟିୟ ଯୁଗ ଆରମ୍ଭ ହେବା ପୂର୍ବରୁ ଘଟିଥିଲା, ତେଣୁକରି ଅବ୍ରାହମ,".....ମୋଶା ଓ ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ଅଛି" ବୋଲି କହିଥିଲେ । କିନ୍ତୁ ଖ୍ରୀଷ୍ଟିୟାନ ଯୁଗ ଆରମ୍ଭ ହେବା ପରେ ଅବ୍ରାହମ ସେମାନଙ୍କ ପାଖରେ "ଖ୍ରୀଷ୍ଟ ଓ ପ୍ରେରିତ ଅଛନ୍ତି" ବୋଲି ଦର୍ଶାଇ ଦିଅନ୍ତି ।

ତେବେ ଅନେକ ପ୍ରଶ୍ନ କରନ୍ତି, ''ଯଦି ଏହା ସତ୍ୟ ତେବେ ଆଉ ବିଚାରର ଆବଶ୍ୟକ କଅଣ ? ଶେଷ ବିଚାର ଦିନରେ ସଦାପ୍ରଭୁ କଚେରୀ କରି, ସାକ୍ଷ୍ୟ ଉପରେ ଆଧାର କରି ବିଚାର କରିବେ ବୋଲି ମନେ କରନ୍ତୁ ନାହିଁ । ଏହି ଜୀବନକାଳରେ ହିଁ ଆମ୍ଭେମାନେ ପରୀକ୍ଷାରେ ସମ୍ମୁଖୀନ ହୋଇଥାଉ ଓ ମରଣ ପରେ ପ୍ରତିଫଳ ପାଉ । ବିଚାର ଦିନରେ ବିଚାରକର୍ତ୍ତା ଆମ୍ଭମାନଙ୍କ ଜୀବନର ପ୍ରତିଫଳ ଘୋଷଣା କରିବେ । ଧାର୍ମିକମାନେ ସଦାକାଳ ନିମନ୍ତେ ସଦାପ୍ରଭୁଙ୍କ ସହିତ ରହିବା ନିମନ୍ତେ ସ୍ୱର୍ଗକୁ ଯିବେ ଓ ଅଧାର୍ମିକମାନେ ଶୟତାନ ଓ ତାହାର ଦୂତମାନଙ୍କ ସହିତ ଅନନ୍ତକାଳ ବିତାଇବା ନିମନ୍ତେ ନରକକୁ ଯିବେ ।''

- ***Roy Beasley***

❋❋❋

# ବିଶ୍ୱସ୍ତ ରୁହ !
## (Be thou faithful !)

''ଜୀବିତ ଈଶ୍ୱରଙ୍କ ହସ୍ତରେ ପଡ଼ିବା ଭୟଙ୍କର ବିଷୟ'' ବୋଲି ଏବ୍ରୀ ପୁସ୍ତକ କର୍ତ୍ତାଙ୍କ ଏହି ସତର୍କବାଣୀରେ ପ୍ରତ୍ୟେକ ମନଯୋଗ କରିବା ଆବଶ୍ୟକ (ଏବ୍ରୀ ୧୦:୩୧) । ଯେଉଁମାନେ ପ୍ରଭୁଙ୍କ ଆଗମନ ଦିନ ନିମନ୍ତେ ପ୍ରସ୍ତୁତ ନୁହନ୍ତି, ସେମାନଙ୍କ ନିମନ୍ତେ ପ୍ରଭୁଙ୍କ ଦିନ ଏକ ଭୟଙ୍କର ଦିନ ! ପ୍ରଭୁଙ୍କୁ ଜାଣି ତାହାଙ୍କ ନିକଟକୁ ଆସି, ପୁନର୍ବାର ଜଗତକୁ ଫେରିଯାଇଥିବା ଅବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ମଧ୍ୟ ସେଦିନ ଭୟଙ୍କର ଦିନ ।

ଆମ୍ଭେମାନେ ଧୈର୍ଯ୍ୟ ସହ ପରମେଶ୍ୱରଙ୍କ ଆଜ୍ଞା ପାଳନ କରୁ । ଯେଣୁ ତୁମ୍ଭେମାନେ ଯେପରି ଈଶ୍ୱରଙ୍କ ଇଚ୍ଛା ସାଧନ କରି ପ୍ରତିଜ୍ଞାର ଫଳ ପ୍ରାପ୍ତ ହୋଇପାର, ଏଥିନିମନ୍ତେ ତୁମ୍ଭମାନଙ୍କର ଧୈର୍ଯ୍ୟଶୀଳ ହେବା ପ୍ରୟୋଜନ ।'' (ଏବ୍ରୀ ୧୦:୩୬) ଆତ୍ମିକ ଜୀବନରୁ ସ୍ଖଳିତ ହୋଇ, ଜାଗତିକ ବିଷୟରେ ଆସକ୍ତ ହେବା ଅତି ସହଜର ବିଷୟ । ଧିରେ ଧିରେ ବାକ୍ୟଧ୍ୟାନ, ପ୍ରାର୍ଥନା ଓ ଆରାଧନାରେ ଯୋଗଦେବା ଅବହେଳା କରିବା ଦ୍ୱାରା ଆମ୍ଭମାନଙ୍କ ଜୀବନ ଆହୁରି ଅଧୋପତନ ହୁଏ । ତେଣୁକରି ''ତୁମ୍ଭେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଥାଅ, ସେଥିରେ ଆମ୍ଭେ ତୁମ୍ଭକୁ ଜୀବନରୂପ ମୁକୁଟ ଦେବୁ'' ବୋଲି ଯୀଶୁଖ୍ରୀଷ୍ଟ କହିଅଛନ୍ତି ।'' (ପ୍ରକାଶିତ ୨:୧୦) । ଖ୍ରୀଷ୍ଟଙ୍କ ବାକ୍ୟକୁ ଆଜ୍ଞାବହ

ହୋଇ, ତାହାଙ୍କ ସେବା କରିବା ପରେ, ପଶ୍ଚାତପଦନ କରିବା ଦୁଃଖକର ବିଷୟ । ସେମାନଙ୍କ ବିଷୟରେ "ଭାବିଦେଖ, ଯେ ଈଶ୍ୱରଙ୍କ ପୁତ୍ରଙ୍କୁ ପଦଦଳିତ କରିଅଛି, ନିୟମର ଯେଉଁ ରକ୍ତ ଦ୍ୱାରା ସେ ପବିତ୍ରୀକୃତ ହୋଇଥିଲା, ତାହାକୁ ସାମାନ୍ୟ ବିଷୟ ବୋଲି ମନେ କରିଅଛି ଓ ଅନୁଗ୍ରହ ଦାତା ଆତ୍ମାଙ୍କୁ ଅବମାନନା କରିଅଛି, ସେ କେଡ଼େ ଅଧିକ ଗୁରୁତର ଦଣ୍ଡର ଯୋଗ୍ୟ ନହେବ !" (ଏବ୍ରୀ ୧୦:୨୯) "ଆମ୍ଭର ଧାର୍ମିକ ବ୍ୟକ୍ତି ବିଶ୍ୱାସ ଦ୍ୱାରା ବଞ୍ଚିବ, କିନ୍ତୁ ଯଦି କେହି ପଶ୍ଚାତ୍‌ପଦ ହୁଏ, ତାହାହେଲେ ଆମ୍ଭର ଆତ୍ମା ତାହାଠାରେ ସନ୍ତୁଷ୍ଟ ନୁହେଁ ।" (ଏବ୍ରୀ ୧୦:୩୮)

ଆମ୍ଭେମାନେ ସଚେତନ ରହି ଦୈନିକ ଜୀବନଯାପନ କରୁ । ଆଶା ଓ ଭରସା ସହ ତାହାଙ୍କ ଦିନ ନିମନ୍ତେ ଅପେକ୍ଷାରେ ରହୁ । ଆମ୍ଭେମାନେ ସଚେତନ ରହି, ବିଶ୍ୱସ୍ତ ଜୀବନଯାପନ କରବା ଦ୍ୱାରା ସ୍ୱର୍ଗୀୟ ଗୃହରେ ପ୍ରବେଶ କରିପାରିବା । ଆମ୍ଭମାନଙ୍କ ନିର୍ଣ୍ଣୟ ଆମ୍ଭମାନଙ୍କ ସ୍ୱେଚ୍ଛାଧିନ ।

- ***Dale Grissom***

❋❋❋


Hear **"SATYAVANI"** in ORIYA

A Radio Programme presented by

Churches of Christ

on **Radio Srilanka**

**Every Sunday at 6.45 a.m.**

*Do not miss this great opportunity.*

*Tell others !*


**Edited & Published by : Kabita & Joshua Gootam**

# THE BROAD AND NARROW WAYS

Matt 7:13,14

## INTRODUCTION:

1. This is a study of contrasts
2. Man is a free moral agent and therefore may choose his course.
3. There is no middle ground so one must go in one direction or the other.

## DISCUSSION

### A. The Broad Way.

1. It is a very popular way
2. The majority are on it
   a. The alien sinner
   b. The infidel
   c. The modernist
   d. The denominationalist.
   e. The moralist
   f. The wordly.
   g. The erring Christian

### B. The Narrow Way.

1. It is an unpopular way
2. Only a few are on it

   a. The righteous
   b. The godly
   c. The Christian

**3. It is the Lord's way**

a. Christ is the way
b. The way of truth
c. The way of life
d. The Bible way

**4. It leads to eternal life.**

## CONCLUSION

1. Which road are you on?
2. Are you standing with the wicked or the righteous?
3. What are you going to do about this matter ?
4. You can change from one to the other if you desire.
5. Be sure that you make no mistake by taking the right course and remaining on it.
6. The Lord will take vengeance on the wicked but will bless the righteous.

*- J.C. Choate*

Printed Book Only

From:

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)